**ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ମହୋତ୍ସବ**

ବ୍ରହ୍ମପୁର, (ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ଇସ୍କନ ପକ୍ଷରୁ ହରେକୃଷ୍ଣ ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ମନ୍ଦିର ଅଧକ୍ଷ ପଞ୍ଚରତ୍ନ ପ୍ରଭୂଜୀ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଚରିତ ପାଠ କରିଥିଲେ। ଏହାପରେ ପ୍ରମୁଖ ବିଗ୍ରହ ରାଧାକାନ୍ତ ମହାପଭୁଙ୍କୁ ସୁସଜ୍ଜିତ ମଣ୍ଡପକୁ ନିଆଯାଇ ପଞ୍ଚାମୃତ ଆଦି ଦ୍ୱାରା ଅଭିଷେକ କରାଯାଇଥିଲା। ଏହି ଅବସରରେ ମନ୍ଦିର ପକ୍ଷରୁ ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରର ବ୍ରହ୍ମଚାରୀବୃନ୍ଦ ତଥା ପରିଚାଳନା ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବ୍ରହ୍ମପୁର,୮।୯(ସ୍ମୃତି ରଞ୍ଜନ ମହାଲିକ)

ବିଶ୍ୱ ଫିଜିଓଥେରାପି ଦିବସ ଅବସରରେ ଶୁକ୍ରବାର ବ୍ରହ୍ମପୁର ପ୍ରେସ କ୍ଲବ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡ. ଶ୍ରର୍ବଣା ବିବେକ ଏମ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା, କର୍ପୋରେଟର ପ୍ରଦୀପ ଶତପଥୀ, ଆଇନଜୀବୀ ସୁବ୍ରତ ସାହୁ ଓ ଡା ଶଶାଙ୍କ ଶେଖର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ଦୈନିକ ବ୍ୟାୟମ କରିବା ପାଇଁ ଅତିଥିମାନେ ମତ ପ୍ରକାଶ କରିଥିଲେ। ଯେଉଁମାନେ ବିଭିନ୍ନ ଆଣ୍ଠୁ, ଗଣ୍ଠି ସମେତ ବିଭିନ୍ନ ପ୍ରକାର ଶରୀର ପୀଡା ଭୋଗୁଛନ୍ତି, ସେମାନେ ଫିଜିଓଥେରାପି କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଶିବିରରେ ସହରର ବହୁ ଖବରଦାତା ଯୋଗ ଦେଇଥିଲେ।

### ପାଳିଥିବା ମା' ସପ୍ତାହରେ ୨ଦିନ ପୁଅକୁ ଭେଟିବେ

**ଶିଶୁପୁତ୍ରକୁ ନେଇ ବିବାଦ ଘଟଣା**

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

୫ ବର୍ଷର ଶିଶୁପୁତ୍ରକୁ ନେଇ ଉଠିଥିବା ବିବାଦ ଏବେବି ସମାଧାନ ହୋଇପାରୁନି। ଜନ୍ମଦାତ୍ରୀ ସୁନିତା ବେହେରା ଓ ଲାଳନପାଳନ କରିଥିବା ଗୀତା ଦାସଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଶିଶୁପୁତ୍ର ସାଇରାମ ଏବେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଉତ୍କଳ ବାଳାଶ୍ରମ ପରିସରରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା)ରେ ରହୁଛି। ସାଇରାମଙ୍କୁ ଭେଟିବା ପାଇଁ ଗୀତା ତାଙ୍କ ଓକିଲଙ୍କ ଜରିଆରେ ଏସଡ଼ିଜେଏମ କୋର୍ଟରେ ଆବେଦନ କରିଥିଲେ। ଏସଡ଼ିଜେଏମ ପ୍ରଜ୍ଞାପରମିତା ପ୍ରତିହାରୀ ଏହାର ଶୁଣାଣି କରି ସପ୍ତାହରେ ଦୁଇଥର ସାଇରାମଙ୍କୁ ଗୀତା ଭେଟିପାରିବେ ବୋଲି ଅନୁମତି ଦେଇଛନ୍ତି। ଗୀତା ସା'ରେ ରହୁଥିବା ସାଇରାମଙ୍କୁ ରବିବାର ଓ ଗୁରୁବାର ଭେଟି ପାରିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରୁ ଅନୁମତି ମିଳିବା ପରେ ଉତ୍କଳ ବାଳାଶ୍ରମ ଯାଇ ୩ ମାସ ପରେ ପୁଅକୁ ଭେଟି ଖୁସି ଅନୁଭବ କରୁଛି ବୋଲି ଗୀତା କହିଛନ୍ତି। ପୁଅ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି, ସେଠାରେ ସେ ପାଠ ପଢୁଥିବା କହିଛନ୍ତି। ରମ୍ଭା ଥାନା ପାଲୁର ଗଜପତି ନଗର ଅଞ୍ଚଳର ସୁନିତାଙ୍କ ପୁଅ ୫ବର୍ଷ ତଳେ ଚୋରି ହୋଇଯାଇଥିବା ନେଇ ସେ ଗତ ଜୁନ ୬ ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ବ୍ରହ୍ମପୁର ଗଜପତି ନଗର ୭ମ ଲାଇନରେ ରହୁଥିବା ଅଟୋଚାଳକ ସନ୍ତୋଷ ଦାସ ଓ ତାଙ୍କ ସ୍ତ୍ରୀ ଗୀତା ପୁଅକୁ ଚୋରାଇ ନେଇଥିବା ଦର୍ଶାଇଥିଲେ। ସନ୍ତୋଷଙ୍କ ମୃତ୍ୟୁ ହୋଇ ଯାଇଥିବା ବେଳେ ଗୀତାଙ୍କ ପାଖରେ ତାଙ୍କ ପୁଅ ଅଛି ବୋଲି ସୁନିତା ଅଭିଯୋଗ କରିବା ପରେ ପୋଲିସ ୨୪୨/୨୩ ରେ ଏକ ମାମଲା ରୁଜୁ କରିଥିଲା। ଗୀତାଙ୍କ ଘରୁ ୫ବର୍ଷର ପୁଅକୁ ଉଦ୍ଧାର କରି କୋର୍ଟରେ ହାଜର କରିଥିଲା। କୋର୍ଟ ସାଇରାମଙ୍କୁ ଉତ୍କଳ ବାଳାଶ୍ରମରେ ରଖିବାକୁ ଅନୁମତି ଦେଇଥିଲେ।

# ଗୁଟ୍‌ଖା ନିଷେଧ ଆଇନ ଧର୍ମକୁ ଆଖିଠାର

## ବେଧଡ଼କ ଚାଲିଛି ବିକ୍ରି, ଟିକସ ପାଉଛି କିଏ

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗୁଟୁଖା ଓ ନିକୋଟିନ୍‌ଯୁକ୍ତ ତମାଖୁର ବ୍ୟବହାର, ବିପଣନ ଆଦିକୁ ରାଜ୍ୟ ସରକାର ୧୦ବର୍ଷ ହେଲା ନିଷେଦ୍ଧ କରିଛନ୍ତି। ଏବେ ଏହି ନିଷେଦ୍ଧାଦେଶ ଧର୍ମକୁ ଆଖିଠାର ପାଲଟିଛି। ବଜାରରେ ଖୋଲାଖୋଲି ଗୁଟଖା ମିଳୁଛି।

ରାଜ୍ୟରେ ମୁଖଗହ୍ୱର କର୍କଟ ଓ ଅନ୍ୟ ବହୁ ମାରାତ୍ମକ ରୋଗ ଗୁଟ୍‌ଖା ସେବନ ଯୋଗୁ ବଢୁଥିବାରୁ ଓଡିଶାକୁ ତମାଖୁମୁକ୍ତ କରିବା ଉଦ୍ଦେଶ୍ୟରେ ନିଷିଧାଦେଶ ଘୋଷଣା କରାଯାଇଥିଲା। ପୂର୍ବରୁ ଗୁଟ୍‌ଖା ପ୍ରସ୍ତୁତି ଓ ବିକ୍ରି ଉପରେ ସରକାର ଟିକସ ଧାର୍ଯ୍ୟ କରିଥିଲେ। ୨୦୧୩ ଜାନୁୟାରୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଗୁଟ୍‌ଖା ଓ ନିକୋଟିନ୍‌ଯୁକ୍ତ ପାନ ମସଲାର ପ୍ରସ୍ତୁତି, ବିକ୍ରୟ ଓ ସେବନ ଉପରେ କଟକଣା ଥିଲା। ଫୁଡ଼ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ସ (ପ୍ରୋହିବିସନ ଆଣ୍ଡ ରେଜିଷ୍ଟ୍ରେଶନ ଅନ ସେଲ୍ସ) ରେଗୁଲେଶନ ଆଧାରରେ ଓଡିଶା ସରକାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ଆଇନ ଲାଗୁ କରିଥିଲେ। ଗୋଟିଏ ପଟେ ସରକାର ଏ ବାବଦରେ ପାଉଥିବା କୋଟି କୋଟି ଟଙ୍କାର ଟିକସ ହରାଇଥିଲେ ମଧ୍ୟ ଅନ୍ୟପଟେ ଗୁଟ୍‌ଖା ପ୍ରସ୍ତୁତି ଓ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଆଶା କରାଯାଉଥିଲା। ହେଲେ ତାହା ସଫଳ ହେଲାନାହିଁ। ଏବେ ବ୍ରହ୍ମପୁର ଓ ସହରତଳି ଅଞ୍ଚଳରେ ବେଆଇନ ଭାବେ ଗୁଟ୍‌ଖା ପ୍ରସ୍ତୁତି ହୋଇ ଜିଲା ତଥା ଅନ୍ୟ ଜିଲା ଓ ରାଜ୍ୟକୁ ବିକ୍ରି ପାଇଁ ଚାଲାଣ ହେଉଥିବାର ନଜିର ରହିଛି। କିଛିମାସ ତଳେ ବଡବଜାର ଥାନା ପକ୍ଷରୁ ବିପୁଳ ପରିମାଣର ଗୁଟ୍‌ଖା ଜବତ କରାଯାଇଥିଲା। ତାହା ପୂର୍ବରୁ ଗୋଷାଣିନୂଆଗାଁ, ବୈଦ୍ୟନାଥପୁର ଓ ସଦର ଥାନା ପୋଲିସ ପକ୍ଷରୁ ମଧ କୋଟି କୋଟି ଟଙ୍କାର ଗୁଟ୍‌ଖା ଜବତ କରାଯିବା ସହ ବହୁ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ପରେ ପୋଲିସର ନିଷ୍କ୍ରିୟତାର ଫାଇଦା ଉଠାଇ ମୁନାଫାଖୋର ବ୍ୟବସାୟୀ କେତେଜଣ ପୋଲିସ ଅଧିକାରୀଙ୍କ ସହ ହାତ ମିଳାଇ ଜିଲାରେ ଖୁଲମଖୁଲା ଗୁଟ୍‌ଖା ବିକ୍ରିବଟା କରୁଛନ୍ତି। ଏ ବାବଦରେ ଆଦେଖା ଟିକସ କିଏ ପାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ନାମକୁ ମାତ୍ର ରହିଥିବା ଦେଖିବାକୁ ମିଳିଛି। ସେପଟେ କାଁ ଭାଁ ମନେପଡିଲେ ପୋଲିସ ଗୁଟ୍‌ଖା ପ୍ରସ୍ତୁତି କାରଖାନାରେ ଚଢାଉ କରି ଚୁପ ବସି ରହୁଛି। ଏନେଇ ବ୍ରହ୍ମପୁର ଏସଡ଼ିପିଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି, ପୋଲିସ ଗୁଟ୍‌ଖା ବେପାରୀଙ୍କ ଉପରେ ତୀକ୍ଷଣ ନଜର ରହିଛି। ଖବରପାଇବା ମାତ୍ରେ ଚଢାଉ କରାଯାଉଥିବା କହିଛନ୍ତି।



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କଲେଜ ଅଧ୍ୟକ୍ଷଙ୍କୁ ଭେଟିଲା ପୁରାତନ ଛାତ୍ରସଂଘ



ଛତ୍ରପୁର,୮।୯(ସନ୍ତୋଷ ପାଢ଼ୀ)–

ଛତ୍ରପୁର ସରକାରୀ ବିଜ୍ଞାନ କଲେଜର ନୂତନ ଅଧ୍ୟକ୍ଷ ପ୍ରମୋଦ କୁମାର ତ୍ରିପାଠୀଙ୍କୁ ପୁରାତନ ଛାତ୍ରସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଶୈକ୍ଷିକ ଅଭିବୃଦ୍ଧି, ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ, ଛତ୍ରପୁର କଲେଜକୁ ସ୍ୱୟଂଶାସିତ ମାନ୍ୟତା ପାଇଁ ପ୍ରକ୍ରିୟା, ନୂତନ ପାଠ୍ୟକ୍ରମ ଖୋଲିବା ଓ ବିଦ୍ୟାର୍ଥୀଙ୍କ ପାଇଁ କ୍ୟାମ୍ପସ ବ୍ୟବସ୍ଥା, କ୍ୟାରିୟର କାଉନସେଲିଂ, ଯୁକ୍ତ ୨ ଶିକ୍ଷାରେ ହୋମ ସାଇନ୍ସ ପାଠ୍ୟକ୍ରମ ଖୋଲିବା ଓ କଲେଜରୁ ଉଠାଇ ନିଆଯାଇଥିବା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଆର୍ମି ୱିଙ୍ଗ ପୁଣି ଖୋଲାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଯାହା ସହଯୋଗ ଆବଶ୍ୟକ ପୁରାତନ ଛାତ୍ର ସଂଘ ଯୋଗାଇ ଦେବ ବୋଲି ଅଧ୍ୟକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ରାଜ୍ୟର ଅନ୍ୟ ପ୍ରମୁଖ ମହାବିଦ୍ୟାଳୟ ଭଳି ଏହି କଲେଜ ପରିସରରେ ପୁରାତନ ଛାତ୍ର ସଂସଦର ସ୍ୱତନ୍ତ୍ର ଗୃହ ନିମନ୍ତେ କର୍ତ୍ତୃପକ୍ଷଙ୍କ ସହଯୋଗ ରହିଲେ ପୁରାତନ ଛାତ୍ରସଂଘ ତାହାକୁ କାର୍ଯ୍ୟକାରୀ କରାଇବା ପାଇଁ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ପୂର୍ବତନ ଛାତ୍ରସଂଘ ସଭାପତି ବ୍ରଜମୋହନ ଆଚାର୍ଯ୍ୟଙ୍କ ସମେତ ସଂପାଦକ ସମୀର କୁମାର ଆଚାର୍ଯ୍ୟ, ଗଞ୍ଜାମ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଆଇନଜୀବି ପି.ଧର୍ମାରେଡି ଓ ସିମାଞ୍ଚଳ ମହାପାତ୍ର, ସନ୍ତୋଷ କୁମାର ମିଶ୍ର ଏବଂ ଅଜିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଆସିକାରେ ବିଜେଡିର ସାଙ୍ଗଠନିକ ବୈଠକ

ଆସିକା, ୮।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ଭେଟନଇସ୍ଥିତ କଙ୍କଣଦେବୀଙ୍କ ପୀଠରେ ଶୁକ୍ରବାର ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିମା ପରିଡା, ତନ୍ମୟୀ ନାହାକ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ବରିଷ୍ଠ ଯୁବନେତା ଭଗବାନ ସାହୁଙ୍କ ସମେତ ଆସିକା ଓ କବିସୂର୍ଯ୍ୟନଗର ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ଦଳର ସାଂଗଠନିକ ସ୍ଥିତିର ଅଭିବୃଦ୍ଧି ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ବିଭିନ୍ନ ଗ୍ରାମକୁ ପଦଯାତ୍ରାରେ ଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ଇନ୍ଦ୍ରଧନୁଷ-୫: ଜିଲାର ୧୧୨୩ ଗର୍ଭବତୀଙ୍କୁ ଦିଆଯିବ ଟିକା

ବ୍ରହ୍ମପୁର,୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଇନ୍ଦ୍ରଧନୁଷ-୫ କାର୍ଯ୍ୟକ୍ରମ ୩ଟି ପର୍ଯ୍ୟାୟରେ ହେବ। ୧୮ଦିନ ଧରି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଘରକୁ ଘର ଯାଇ ୫ବର୍ଷ ବୟସର ଶିଶୁ ଏବଂ ଗର୍ଭବତୀଙ୍କୁ ସଂକ୍ରାମକ ରୋଗ ପ୍ରତିଷେଧକ ଟିକା ପ୍ରଦାନ କରିବେ। ଯେଉଁମାନେ ମୂଳରୁ କୌଣସି ଟିକା ନେଇ ନାହାନ୍ତି କିମ୍ବା ଅଧା ନେଇଛନ୍ତି ସେମାନେ ଏହା ନେଇପାରିବେ। ଶୁକ୍ରବାର ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଡ.ଉମାଶଙ୍କର ମିଶ୍ର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫,୯୩୬ଜଣ ୦-୨ବର୍ଷ ବୟସର ଶିଶୁ, ୫୪୩ଜଣ ୨-୫ବର୍ଷ ବୟସର ଶିଶୁ ଏବଂ ୧୧୨୩ଜଣ ଗର୍ଭବତୀ ମହିଳାଙ୍କୁ ପ୍ରତିଷେଧ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଟୀକାକରଣର ପ୍ରଥମ ପର୍ଯ୍ୟାୟ ଆସନ୍ତା ୧୧ ରୁ ୧୬ତାରିଖ ଯାଏଁ ଚାଲିବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୯ ରୁ ୧୪ତାରିଖ ଯାଏଁ ଏବଂ ତୃତୀୟ ପର୍ଯ୍ୟାୟ ନଭେମ୍ବର ୬ ରୁ ୧୧ତାରିଖ ଯାଏଁ ଚାଲିବ ବୋଲି ସିଡିଏମଓ କହିଛନ୍ତି।

# ସ୍କାଉଟ୍, ଗାଇଡ୍ ପକ୍ଷରୁ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ବୃନ୍ଦ।

ବ୍ରହ୍ମପୁର, ୮।୯ (ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ସ୍କାଉଟ ଓ ଗାଇଡ ପକ୍ଷରୁ ଲାଞ୍ଜିପଲୀ ବାଇପାସ ସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଶୁକ୍ରବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍କାଉଟ ଓ ଗାଇଡ ସଂପାଦକ ଭାଗିରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଜିଲା ସ୍କାଉଟ ଓ ଗାଇଡର ସହ କମିଶନର ରାମହରି ସାହୁ, ଜିଲା ସଂଗଠନ କମିଶନର ଲକ୍ଷ୍ମୀ ନାରାୟଣ ପଣ୍ଡା, ଜିଲା ତାଲିମ କମିଶନର ବିକ୍ରମ ମହାରଣାଙ୍କ ସମେତ ରାଜେଶ ପ୍ରଧାନ, ବ୍ରଜ କିଶୋର ଦାଶ ଓ ଶ୍ରୀନୁ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସ୍କାଉଟ ଓ ଗାଇଡର ଇତିହାସ, ପ୍ରୋମିନ ନିୟମ, ନଟିଂ, ବ୍ୟାଣ୍ଡେଜ ମ୍ୟାପିଂ, ଫାଷ୍ଟ ଏଇଡ, ପେଟ୍ରୋଲ ସିଷ୍ଟମ, ବିପର୍ଯ୍ୟୟ ପରିଚାଳନା ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସ୍କାଉଟ ମାଷ୍ଟର ରାଜାରାମ ସ୍ୱାଇଁ, ଜ୍ଞାନେନ୍ଦ୍ର ବାହାଦୂର ସିଂ, ଘନଶ୍ୟାମ ସେଠୀ, କେଦାର ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌କେସିଜି ଅସ୍ଥି ଶଲ୍ୟ ବିଭାଗ: ୨ ଦିନ ହେଲା ଅସ୍ତ୍ରୋପଚାର ବନ୍ଦ

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲର ଅସ୍ଥି ଶଲ୍ୟ ବିଭାଗରେ ଗତ ଦୁଇ ଦିନ ହେଲା ଅସ୍ତ୍ରୋପଚାର ବନ୍ଦ ରହିଛି। ଫଳରେ କୌଣସି ପ୍ରକାର ଅଘଟଣକୁ ସାମ୍ନା କରି ଛଟପଟ ହେଉଥିବା ରେଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସ୍ଥି ଶଲ୍ୟ ଅସ୍ତ୍ରୋପଚାର ସମୟରେ ଆବଶ୍ୟକୀୟ ପ୍ଲେଟ୍, ନଟ, ବୋଲ୍ଟ ଆଦି ସାମଗ୍ରୀ ଅଭାବ ଯୋଗୁଁ ଏଭଳି ହୋଇଛି ବୋଲି ବିଭାଗୀୟ ମୁଖ୍ୟ ଡ.ଚନ୍ଦ୍ରଶେଖର ପ୍ରଧାନ କହିଛନ୍ତି। ଆବଶ୍ୟକୀୟ ସାମଗ୍ରୀ ପାଇଁ ତାଲିକା ଦିଆଯାଇଛି, ଆସିଲେ ଅସ୍ତ୍ରୋପଚାର ହେବ ବୋଲି ସେ କହିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଗଞ୍ଜାମ, ଗଜପତି ଓ କନ୍ଧମାଳ ବୌଦ୍ଧ, ନବରଙ୍ଗପୁର ଜିଲା ସମେତ ପଡୋଶୀ ଆନ୍ଧ୍ର ପ୍ରଦେଶର ଲୋକେ ଏମକେସିଜି ମେଡିକାଲ ଉପରେ ନିର୍ଭରଶୀଳ। ପ୍ରାୟ ୫୦ଲକ୍ଷ ଲୋକଙ୍କ ଭରଷା ପାଲଟିଥିବା ଏହି ମେଡିକାଲରେ ଗତ ଦୁଇ ଦିନ ହେଲା ଅସ୍ଥି ଶଲ୍ୟ ଅସ୍ତ୍ରୋପଚାର ବନ୍ଦ ରହିବା ରୋଗୀମାନେ ହଇରାଣ ହେଉଛନ୍ତି। ଏହାର ଫାଇଦା ନେଉଛନ୍ତି ଦଲାଲ। ରୋଗୀମାନଙ୍କ ଅସୁବିଧାର ସୁଯୋଗ ନେଇ ଦଲାଲମାନେ ଘରୋଇ ଚିକିତ୍ସାଳୟରେ ସେମାନଙ୍କୁ ଅସ୍ତ୍ରୋପଚାର କରାଇ ମାଲାମାଲ ହେଉଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟା ସମାଧାନ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଅନ୍ୟପଟେ ଏମକେସିଜି ଅଧିକ୍ଷକ ଡା. ସୁଚିତ୍ରା ଦାସ କହିଛନ୍ତି, ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସମସ୍ତ ଇମ୍ପ୍ଲାଣ୍ଟ ସାମଗ୍ରୀ ମହଜୁଦ ରହିଛି। ଏହା ଯୋଗାଣ ପାଇଁ ୪ଟି ଔଷଧ ଦୋକାନ ସହ ଚୁକ୍ତି ହୋଇଛି। ଅସ୍ତ୍ରୋପଚାର ଯାହାସବୁ ଆବଶ୍ୟକ ଆମକୁ ଜଣାଇଲେ ତାହା ଅସ୍ତ୍ରୋପଚାର କେନ୍ଦ୍ରରେ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଫେରାର୍ କାର ଚାଳକ ଗିରଫ

**ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟଣା**

କୋଦଳା, ୮।୯ (ଅମିତ କୁମାର ପଟ୍ଟନାୟକ)

କୋଦଳା -ଫାଶୀ ରାସ୍ତାରେ ଗୁରୁବାର ଏକ କାର ଧକ୍କାରେ ନୂଆଁପଲି ଗ୍ରାମର ସୁନିତା ପରିଡାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଫେରାର୍ ଥିବା କାର୍ ଚାଳକଙ୍କୁ ଶୁକ୍ରବାର କୋଦଳା ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଗିରଫ କରିଛି। ସେ ହେଲେ ପୋଲସରା ଓଡ଼ିଆ ସାହିର ଶ୍ରୀକାନ୍ତ କୁମାର ଡାଙ୍ଗୁଆ। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଶ୍ରୀକାନ୍ତ ଜଣେ ଗଞ୍ଜେଇ ବ୍ୟବସାୟୀ ବୋଲି ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବ୍ରହ୍ମପୁର,୮।୯(ସ୍ମୃତି ରଞ୍ଜନ ମହାଲିକ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଡାକରାକ୍ରମେ ୩ ଦଫା ଦାବିକୁ ନେଇ ବ୍ରହ୍ମପୁର ମହାନଗର ପ୍ରାଥମିକ ଶିକ୍ଷକ ସଂଘ ଆନୁକୁଲ୍ୟରେ ସହରର ୫୦ ପ୍ରତିଶତ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ଅବସରରେ ଗେଟ ବଜାର ଏନଜିଓ ହଲଠାରେ ସଂଘର ଏକ ପ୍ରତିବାଦ ସଭା ହୋଇଥିଲା। ସଭାପତି ରାଜେଶ କୁମାର ତାରିଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୩ ଦଫା ଦାବି ସଂପର୍କରେ ଆଲୋଚନା ହୋଇଥିଲା। ସେଥିମଧ୍ୟରେ ପ୍ରାଥମିକ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଠିକା ପ୍ରଥା ଉଚ୍ଛେଦ, ପ୍ରାରମ୍ଭିକ ଗ୍ରେଡ ପେ ବୃଦ୍ଧି ସହ ୨୦ ବର୍ଷରେ ୪୨୦୦ ଗ୍ରେଡ ପେ, ନୂତନ ପେନସନ ସ୍କିମ ପ୍ରତ୍ୟାହାର କରି ପୁରାତନ ସ୍କିମକୁ ପୁନଃ ଲାଗୁ କରିବା ପାଇଁ ଦାବି ରହିଛି। ଦାବି ପୂରଣ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ସାଧାରଣ ସଂପାଦକ ଅବନୀ ପାଢି, ଉପଦେଷ୍ଟା ଶ୍ୟାମ ସୁନ୍ଦର ଖାଡଙ୍ଗା ଓ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ସଂଘର ବହୁ ସଦସ୍ୟ ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ।


ପ୍ରତିବାଦ ସଭାରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

# ସମୂହ ଛୁଟିରେ ପ୍ରାଥମିକ ଶିକ୍ଷକ, ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଭଞ୍ଜନଗର,୮।୯(ବାବୁଲା ପ୍ରଧାନ)

ରାଜ୍ୟ ପ୍ରାଥମିକ ସଂଘର ନିଷ୍ପତି ଅନୁଯାୟୀ ଶୁକ୍ରବାର ସବୁ ବ୍ଲକର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅନେକ ବ୍ଲକରେ ରାଜ୍ୟର ସଂଘର ନିଷ୍ପତି ଠିକ ସମୟରେ ପହଁଚି ପାରିନଥିବାରୁ ସେମାନେ ସୋମବାର ଠାରୁ ସମୂହ ଛୁଟିରେ ଯିବାକୁ ନିଷ୍ପତି ନେବା ସହିତ ଶୁକ୍ରବାର ଧାରଣା ଦେଇଛନ୍ତି।

ଭଞ୍ଜନଗର ବ୍ଲକର ୧୭୫ଟି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ୬୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ବିଭିନ୍ନ ଦାବି ନେଇ ସୋମବାର ଠାରୁ ସମୂହ ଛୁଟିରେ ଯିବେ। ଫଳରେ ଉକ୍ତ ବିଦ୍ୟାଳୟ ଗୁଡିକରେ ତାଲା ଝୁଲିବା ସହ ଶିକ୍ଷାଦାନ ବ୍ୟାହତ ହେବ। ଶୁକ୍ରବାର ବ୍ଲକର ଅଧା ଶିକ୍ଷକ ସିଏଲ ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟର ଅନେକ ଜିଲାରେ ଶିକ୍ଷକମାନେ ସମୂହ ଛୁଟିରେ ଯାଇଛନ୍ତି। କିନ୍ତୁ ଭଞ୍ଜନଗର ବ୍ଲକ ଶିକ୍ଷକ ସଂଘ ପାଖରେ ରାଜ୍ୟ ସଂଘର ନିଷ୍ପତ୍ତି ଠିକ ସମୟରେ ପହଞ୍ଚି ପାରିନଥିଲା। ତେଣୁ ଆଜି ଶିକ୍ଷକମାନେ ସମୂହ ଛୁଟି ବଦଳରେ ଅଧା ଶିକ୍ଷକ ସିଏଲରେ ଯାଇଛନ୍ତି। ଦାବି ପୂରଣ ନହେଲେ ସୋମବାର ଠାରୁ ସମୁହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଭଞ୍ଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଟ୍ଟନାୟକ, ସମ୍ପାଦକ ରାଜେଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।


ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ଶିକ୍ଷୟିତ୍ରୀ, ଶିକ୍ଷକ।

**କବିସୂର୍ଯ୍ୟନଗର(କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ ସମୂହ ଛୁଟିରେ ଯାଇଛନ୍ତି। ରାଜ୍ୟ ସଂଘର ନିଷ୍ପତି ଅନୁଯାୟୀ ଶୁକ୍ରବାର ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ଶିକ୍ଷୟିତ୍ରୀ ଦାବି ପୂରଣ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଉକ୍ତ ଗଣଧାରଣାରେ ପ୍ରଶାନ୍ତ ଶତପଥୀ, ଅରୁଣ ବିଷୋୟୀ, ଧବଳ ସାହୁ, ରବି ଚୌଧୁରୀ, ରାଜୀବ ସାହୁ, ସୁରେଶ ଜେନା, ସୁମନ୍ତ ଚର୍ଚ୍ଚୀ, ସନ୍ତୋଷ ସାହୁ, ସମରଜିତ ଦଳାଇ, ମିଥୁନ ସ୍ୱାଇଁ, ତଥା କଳା କ୍ରୀଡା ଶିକ୍ଷକ ନେତୃତ୍ୱ ଯୋଗଦେଇ ସହଯୋଗ କରିଥିଲେ।

**ଫିରିଙ୍ଗିଆ (ବିକ୍ରମ ଦିଗାଲ):** ସେହିପରି ଫିରିଙ୍ଗିଆ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନେ ଧାରଣା ଦେଇଛନ୍ତି। ବ୍ଲକ ସଭାପତି ସିମାଞ୍ଚଳ ମୁଖି, ସମ୍ପାଦକ ମତ୍ୟୁଞ୍ଜୟ କହରଙ୍କ ସହ ବ୍ଲକର ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ଥିଲେ।

**ପାତ୍ରପୁର(ଉମା ଚରଣ ନେପାକ):** ପାତ୍ରପୁର ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛନ୍ତି। ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି, ବ୍ଲକ ଶିକ୍ଷକ ସଂଘ ସଭାପତି ବି.ରାମାରାଓ, ଟୁଟୁ ପ୍ରଧାନ, କେ. ଧରମା ରାଓ, ନିଶାମଣି ପ୍ରଧାନ, ମୋହନ ରାଓ, ପ୍ରଫୁଲ୍ଲ ପାଢ଼ୀ, ସମ୍ପଦ ରାଓ, ଲୋକନାଥ ପ୍ରଧାନ, ମିଥୁନ ସୁବୁଦ୍ଧି ପ୍ରମୁଖ ପରିଚାଳନା କରିଥିଲେ।

**କାଶୀନଗର (ଟି.କ୍ରିଷ୍ଣା ରାଓ):** କାଶୀନଗର ବ୍ଲକ ଓ ଏନଏସିର ପ୍ରାଥମିକ ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। କାଶୀନଗର ଶାଖା ସଭାପତି ଜଗଦୀଶ ପାତ୍ର, ସମ୍ପାଦକ ଗଣେଶ ପାଣିଗ୍ରାହୀ, ପି. ମୋହନ ରାଓ ପ୍ରମୁଖ ଯୋଗଦେଇଥିଲେ।

**ଦିଗପହଣ୍ଡି(ଅଶେଷ ନାଥ ମିଶ୍ର):** ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ଗଣଧାରଣା ଦେଇଛନ୍ତି। ଶାଖା ସଭାପତି ଇ. ଗଣେଶ ପାତ୍ର ନେତୃତ୍ୱରେ ସମ୍ପାଦକ ସନ୍ତୋଷ କୁମାର ଗୌଡ, ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ, ସମ୍ପାଦକ ପ୍ରଶାନ୍ତ ପାଣିଗ୍ରାହୀ, କନିଷ୍ଠ ଶିକ୍ଷକ ସଂଘ ସଭାପତି ବାଇଲଡୁ ପ୍ରଧାନ, ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ଜିଲା ସଭାପତି ବିଜୟ ଗୌଡ, ସାମୟିକ ଶିକ୍ଷକ ସଂଘ ସଭାପତି ମନୋଜ କୁମାର ଚୌଧୁରୀ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

**ବେଗୁନିଆପଡ଼ା, (ସୁଶାନ୍ତ କୁମାର ପଟ୍ଟନାୟକ):**–ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ପ୍ରାଥମିକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବାପାଇଁ ସଂଘ କର୍ମକର୍ତ୍ତା ସ୍ଥିର କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୯ ସେପ୍ଟେମ୍ବର, ୨୦୨୩

## ବରିଷ୍ଠ ନାଗରିକ ଟ୍ରଷ୍ଟ ପ୍ରତିଷ୍ଠାତା ସଦସ୍ୟଙ୍କ ଦେହାନ୍ତ

ବୁଗୁଡ଼ା,(କଳୀଚରଣ ଦାଶ): ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ତଥା ଅବସରପ୍ରାପ୍ତ ବରିଷ୍ଠ ମୁଖ୍ୟ କିରାଣୀ ଉମାଚରଣ ପଟ୍ଟନାୟକଙ୍କ ୮୩ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଗତ ରାତିରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ମରଶରୀର ବୁଗୁଡ଼ା କରଣସାହିସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବରିଷ୍ଠ ନାଗରିକ, ଠାକୁରାଣୀ ଯାତ୍ରା କମିଟି ସଦସ୍ୟ, ଖବରଦାତା ତାଙ୍କର ଶେଷ ଦର୍ଶନ କରିଥିଲେ।

## ସଂକ୍ଷେପରେ

### ଜୀବନଜ୍ୟୋତି କଲେଜ ପରିଚାଳନା ପରିଷଦର ବୈଠକ

ରାଇକିଆ,୮।୯(ପ୍ରଦୀପ ବେହେରା)- ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟ ପରିଚାଳନା ପରିଷଦର ପ୍ରଥମ ବୈଠକ କଲେଜ ପରିସରରେ ସଭାପତି ରାଜମୋହନ ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପକ ଉମାକାନ୍ତ ରଥ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ. ଶଙ୍କର୍ଷଣ ସାହୁ ମହାବିଦ୍ୟାଳୟର ଉନ୍ନତି ଏବଂ ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ। ପରିଚାଳନା ପରିଷଦ କମିଟି ପକ୍ଷରୁ ଶିକ୍ଷକ ପ୍ରତିନିଧି ମହିଳା ସଦସ୍ୟା ଅଧ୍ୟାପିକା ମଞ୍ଜୁଳା ସାହୁ, ପ୍ରଦୀପ ନାୟକ, ସୁନୀଲ କୁମାର ପ୍ରଧାନ, ବିଦ୍ୟାରତ୍ନମଣି ଦିଗାଳ, ରିନା ପ୍ରଧାନ, ଉଦିତ କୁମାର ନାୟକ, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ପ୍ରାଧ୍ୟାପକ ପ୍ରଭାକର ରାଜୁ, ମୋ କଲେଜ ଅଭିଯାନ ସଭାପତି ପ୍ରଦୀପ କୁମାର ବେହେରା, ମୋ କଲେଜ ସମ୍ପାଦକ ଆଦିତ୍ୟ ପ୍ରସାଦ ପାଢ଼ି ମହାବିଦ୍ୟାଳୟର ବିକାଶ ଦିଗରେ ବିଭିନ୍ନ ସାମ୍ଭାବ୍ୟ ପଦକ୍ଷେପ ସମ୍ପର୍କିତ ଆଲୋଚନା କରିଥିଲେ।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ରାମଗିରି,୮।୯(ବୃନ୍ଦାବନ ଗୌଡ଼):

ଆର.ଉଦୟଗିରି ବ୍ଲକ ସୁବଲଡା ପଞ୍ଚାୟତ ସ୍ଥିତ ବେଡିଙ୍ଗ ଗ୍ରାମର ଦୁଃଖୀ ମଣ୍ଡଳ (୪୫) ଶୁକ୍ରବାର ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ସକାଳେ ଦୁଃଖୀ ଓ ସୀତା ଜାନି (୫୦) ପିଇବା ପାଣି ଆଣିବାକୁ ଯାଉଥିଲେ। ରାସ୍ତାରେ ଓହଳି ଥିବା ବିଦ୍ୟୁତ ତାର ଦୁଃଖୀ ମଣ୍ଡଳଙ୍କ ବେକରେ ଲାଗିଯାଇଥିଲା। ଫଳରେ ସେ ଛିଟିକି ପଡିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସୀତା ଜାନି ଗୁରୁତର ଆହତ ହୋଇଥିଲେ। ଦୁଃଖୀଙ୍କ ସ୍ୱାମୀ ସୁବାଷ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ଉଭୟଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଦୁଃଖୀଙ୍କ ମୃତ୍ୟୁ ଘଟିଥିବା ବେଳେ ସୀତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଗ୍ରାସୀମ ଇଣ୍ଡଷ୍ଟ୍ରିଜ ତରଫରୁ ଯକ୍ଷ୍ମାମୁକ୍ତ କର୍ମଶାଳା

ରମ୍ଭା,୮।୯(ବନବାସୀ ସେଠୀ)

ଗଞ୍ଜାମ ସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ କମ୍ପାନୀ ପକ୍ଷରୁ ଯକ୍ଷ୍ମା ମୁକ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଗ୍ରାସୀମ ଇଣ୍ଡଷ୍ଟ୍ରିଜରେ ସିଏସଆର ମୁଖ୍ୟ ସୁସ୍ମିତା ବେହେରା ଯୋଗଦେଇଥିଲେ। ଏହି ବ୍ଲକରେ ଥିବା ୫୦ଜଣ ଯକ୍ଷ୍ମା ରୋଗୀଙ୍କର ଏକ ବର୍ଷ ପାଇଁ ପୋଷଣ ଦାୟିତ୍ୱ ଇଣ୍ଡଷ୍ଟ୍ରିଜ ବହନ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାସୀମର ମାର୍କେଟିଙ୍ଗ ମୁଖ୍ୟ ନିଖିଳ ମହାପାତ୍ର, ପରିବେଶ ମୁଖ୍ୟ ସୁଚିସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ।

### ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ପୋଲସରା,୮।୯(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ନୂତନ ଥାନା ଅଧିକାରୀ ଭାବେ ଶୁକ୍ରବାର କୌଶିକି ମାଝୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ।

### ସ୍ୱାମୀ ଶିବାନନ୍ଦଙ୍କ ଜୟନ୍ତୀ

ଜି.ଉଦୟଗିରି(ପି.ସଞ୍ଜୀବ କୁମାର ପାତ୍ର) / ବୁଗୁଡା(କଳୀଚରଣ ଦାଶ), ୮।୯

ସ୍ଥାନୀୟ ଦିବ୍ୟଜୀବନ ସଂଘରେ ଶୁକ୍ରବାର ସ୍ୱାମୀ ଶିବାନନ୍ଦଙ୍କ ୧୩୭ତମ ଜୟନ୍ତୀ ଅବସରରେ ସ୍ୱାମୀଜୀଙ୍କ ପାଦୁକା ପୂଜା କରାଯାଇଥିଲା। ଅପରାହ୍ନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ, ଡ଼ ପ୍ରସନ୍ନ ତ୍ରିପାଠୀ, ଚତୁର୍ଭୁଜ ସାହୁ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଫଳ ପାଉଁରୁଟି ବଣ୍ଟନ କରିଥିଲେ। ସେହିପରି ବୁଗୁଡ଼ାରେ ସ୍ୱାମୀ ଶିବାନନ୍ଦ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ପରିସରରେ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ, ଖଲି ପଣ୍ଡା, ସନ୍ତୋଷ କୁମାର ରାଉତ, ଲଳିତ ମୋହନ ପଟ୍ଟନାୟକ, ରୀନା ଚୌଧୁରୀ, ସୁମିତ୍ରା ସ୍ୱାଇଁ, ସବିତା ପାଢୀ ଉପସ୍ଥିତ ଥିଲେ।

# କୁଳସମାଜରୁ ବାସନ୍ଦ, ପୋଲିସର ଅସଦ ବ୍ୟବହାର ଅଭିଯୋଗ

ପୁରୁଷୋତ୍ତମପୁର,୮।୯(ସିମାଞ୍ଚଳ ମିଶ୍ର):

- ଏସ୍‌ଡିପିଓଙ୍କଠାରେ ଫେରାଦ ହେଲେ ଦିବ୍ୟାଙ୍ଗ ପରିବାର
- ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବୁ: ପରିକ୍ଷୀତ


ଏସଡିପିଓଙ୍କ ଅଫିସରେ ନ୍ୟାୟ ଲାଗି ଦିବ୍ୟାଙ୍ଗ ପରିବାର।

ଗଞ୍ଜାମ ଜିଲା ପୋଲସରା ଥାନା ପୋଲିସ ଜଣେ ସାମାଜିକ ବାସନ୍ଦ ଦିବ୍ୟାଙ୍ଗ ପରିବାରକୁ ନ୍ୟାୟ ପ୍ରଦାନ କରିବା ବଦଳରେ ଅସଦ ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ପୋଲସରା ଥାନା ଅନ୍ତର୍ଗତ ଡିମ୍ବିରିଆ ଗ୍ରାମର ଦିବ୍ୟାଙ୍ଗ ଅଭିମନ୍ୟୁ ସାହୁ ତାଙ୍କ ପତ୍ନୀ, ପୁଅ, ବୋହୂଙ୍କୁ ନେଇ ପୁରୁଷୋତ୍ତମପୁର ଏସଡିପିଓଙ୍କ ଠାରେ ଶୁକ୍ରବାର ଫେରାଦ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଏସଡିପିଓ ରଜନିକାନ୍ତ ସାମଲ ନିଜେ ପୋଲସରା ଯାଇ ଘଟଣାର ତଦନ୍ତ କରି ତୁରନ୍ତ ନ୍ୟାୟ ପ୍ରଦାନ କରିବାଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଡିମ୍ବିରିଆର ଅଭିମନ୍ୟୁ ସାହୁ ଓ ସ୍ତ୍ରୀ କସ୍ତୁରୀ, ପୁଅ ପରିକ୍ଷିତ ଝିଅ ପ୍ରତିମା ସମସ୍ତେ ଦିବ୍ୟାଙ୍ଗ ଶ୍ରେଣୀର ଅଟନ୍ତି। ଗତ ୮ ବର୍ଷ ତଳେ ବୋହୂ ସୁନିତା କୁଣ୍ଡୁ ଓ ପୁଅ ପରିକ୍ଷିତଙ୍କ ମଧ୍ୟରେ ପାରିବାରିକ ମନୋମାଳିନ୍ୟ ଘଟିଥିଲା। ଏହାକୁ ନେଇ ବୋହୂ ସୁନିତା ଗ୍ରାମ ସଭାପତିଙ୍କୁ ଜଣାଇଥିଲେ। ସ୍ତ୍ରୀଙ୍କୁ ଫେରାଇ ଘରକୁ ଆଣିବା ଲାଗି ପରକ୍ଷିତ ସେତେବେଳେ ପୋଲିସକୁ ଅନୁରୋଧ କରିଥିଲେ। ଆଉ ପୋଲିସ ମଧ ତାଙ୍କ ସ୍ତ୍ରୀକୁ ବୁଝାଇ ଘରକୁ ଫେରାଇ ଆଣିଥିଲେ। ମାତ୍ର ପୋଲିସକୁ ଜଣାଇବାକୁ ନେଇ ତାଙ୍କ ପରିବାରକୁ ବଳାସୀଜାତି କୁଳ ସମାଜ ପକ୍ଷରୁ ବାସନ୍ଦ କରିଥିବା ନେଇ ପରକ୍ଷିତ ଅଭିଯୋଗ କରିଛନ୍ତି। ଏପରିକି ପୁଅ ବୋହୂ ଓ ପରିବାରର ସମସ୍ତଙ୍କୁ ନେଇ ଅଭିମନ୍ୟୁ ସୁଖ ଶାନ୍ତିରେ ଏକତ୍ର ରହୁଥିଲେ ମଧ ତାଙ୍କ ପରିବାରକୁ କୁଳ ସମାଜରୁ ବାସନ୍ଦ ରଖାଯାଇଛି। ଯାହାଦ୍ୱାରା ତାଙ୍କର ଝିଅ ବିବାହ କରିପାରୁ ନାହାନ୍ତି। ଏହି ଘଟଣାକୁ ନେଇ ଦୀର୍ଘ ଦିନ ହେଲା ଥାନାକୁ ଦୌଡି ଦୌଡି ନିରାଶ ହେବା ସହ ଗଞ୍ଜାମ ଏସପି ଓ ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ମଧ ଭେଟି ଗୁହାରି ଜଣାଇଛନ୍ତି। ଏପରିକି ୪ ତାରିଖରେ ସମ୍ପୂର୍ଣ୍ଣ ପରିବାର ଛତ୍ରପୁର ଯାଇ ସେଠାରେ ଜିଲାପାଳ ଦିବ୍ୟଜୋତି ପରିଡା ଓ ଏସପି ଜଗମୋହନ ମିନାଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଗୁହାରି ଜଣାଇ ତାଙ୍କ ପରିବାର ଉପରେ ହୋଇଥିବା ସାମାଜିକ ବାସନ୍ଦ ଉଠାଇବା ଲାଗି ନିବେଦନ କରିଥିଲେ। ଏସପିଙ୍କ ପରାମର୍ଶ ପ୍ରକାରେ ପୋଲସରା ଥାନାକୁ ଆସିଥିଲେ। ମାତ୍ର ପୋଲସରା ପୋଲିସ ତାଙ୍କୁ ନ୍ୟାୟଦେବା ବଦଳରେ ଅସଦ ବ୍ୟବହାର କରିଥିବା ନେଇ ଦିବ୍ୟାଙ୍ଗ ପରିବାର ଅଭିଯୋଗ କରି ଏସଡିପିଓଙ୍କ ଠାରେ ଫେରାଦ ହୋଇ ଗୁହାରି କରିଛନ୍ତି। ନ୍ୟାୟ ନ ମିଳିଲେ ପୂରା ପରିବାର ସଦସ୍ୟ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି।

# ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

ଜି.ଉଦୟଗିରି,୮।୯(ଶିଶିର ପଟ୍ଟନାୟକ):

ଜି.ଉଦୟଗିରି ସହରର ଦୁର୍ଗାପୂଜା ନିମନ୍ତେ ପୂଜା କମିଟି ଓ ସହର ବାସୀଙ୍କ ଉପସ୍ଥିତିରେ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିବା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ପୂଜା ମଣ୍ଡପରେ ମା' ବରାଳ ଦେବୀଙ୍କ ଘଟ ପୂଜା ପାଉଥିବା ଯୋଗୁ ଶୁଭଖୁଣ୍ଟି ସ୍ଥାପନ ଦିନଠାରୁ ପୂଜା ଶେଷ ପର୍ଯ୍ୟନ୍ତ ନିଷ୍ଠାର ସହ ନୀତି ପାଳନ କରାଯାଏ। ଶୁଭଖୁଣ୍ଟି ସ୍ଥାପନ ବେଳେ ବ୍ୟବସାୟୀ ସଂଘ ସଭାପତି ମନୋଜ କୁମାର ମହାପାତ୍ର, ଦୁର୍ଗା ପୂଜା କମିଟି ସଭାପତି କାଳୁ ଚରଣ ପଣ୍ଡା, ପୂଜା କମିଟି ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ, ପୂଜା କମିଟି ତରଫରୁ ଅଶ୍ୱିନୀ ପାତ୍ର, ସନ୍ତୋଷ କୁମାର ଆଚାର୍ଯ୍ୟ, ପ୍ରତାପ କୁମାର ପଣ୍ଡା ଓ ଉପଦେଷ୍ଟା ବିନୋଦ ବିହାରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ସରପଞ୍ଚ ମହାସଂଘର ଆନ୍ଦୋଳନ

ପାରଳାଖେମୁଣ୍ଡି, ୮।୯ (ଗିରିଧାରୀ ପରିଛା):

ଗଜପତି ଜିଲା ସରପଞ୍ଚ ମହାସଂଘର ସଦସ୍ୟମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଏକ ୧୬ଦଫା ଦାବିପତ୍ର ଜିଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟ ଦାବିଗୁଡ଼ିକ ହେଲା ପଞ୍ଚାୟତକୁ ସ୍ୱାୟତ୍ତ ଶାସନ କ୍ଷମତା, ସରପଞ୍ଚମାନଙ୍କୁ ଭତ୍ତା ରାଶି ୩୦ହଜାର ଟଙ୍କାକୁ ବୃଦ୍ଧି, ପଞ୍ଚାୟତମାନଙ୍କରେ ଡାଟା ଏଣ୍ଟ୍ରି ଅପରେଟର ଥଇଥାନ, ଅନାସ୍ଥା ପ୍ରସ୍ତାବ ବ୍ୟବସ୍ଥା ଉଚ୍ଛେଦ, ପେନସନ ବ୍ୟବସ୍ଥା ଲାଗୁ କରିବା, ଆମ ଓଡ଼ିଶା ନବୀନ ଓଡିଶା ଅର୍ଥ ରାଶିକୁ ସିଧାସଳଖ ପଞ୍ଚାୟତକୁ ଦିଆଯାଉ ଆଦି ୧୬ଟି ଦାବି ଉପସ୍ଥାପନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ସରପଞ୍ଚ ମହାସଂଘ ସଭାପତି ସଂଘମିତ୍ରା ଶବର, ଉପସଭାପତି ଅଭିମେଲ ଗମାଙ୍ଗ, ସମ୍ପାଦକ ଜିକରିଅ ପ୍ରମୁଖଙ୍କ ସହ ମୋଟ ୭ଟି ବ୍ଲକର ସରପଞ୍ଚମାନେ ଉପସ୍ଥିତ ଥିଲେ।

# କାର-ଅଟୋ ମୁହାଁମୁହିଁ, ୬ ଆହତ

## ୪ ଗୁରୁତର, ସହାୟତା କଲେ ମିଡିଆ କ୍ଲବ ସଦସ୍ୟ

ଖଲ୍ଲିକୋଟ,୮।୯(ପ୍ରଶାନ୍ତ କୁମାର ମିଶ୍ର):


ଦୁର୍ଘଟଣାସ୍ଥଳ ।

ଖଲ୍ଲିକୋଟ ଥାନା ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ କାର ଓ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ୬ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କାରର ଦୁଇଟି ଯାକ ବେଲୁନ ବାହାରି ପଡିଥିଲା। ଅଟୋରେ ବସିଥିବା ଯାତ୍ରୀ ମାନେ ଛିଟିକି ଯାଇ ଅଟୋ ଆଗରେ ପଡ଼ିଥିଲେ। ସୂଚନା ଅନୁଯାୟୀ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାକୁଟୁ ଗାଁର କୁମୁଦିନି ଶତପଥୀଙ୍କ ଦେହ ଖରାପ ହେବାରୁ ସେ ଚିକିତ୍ସା ପାଇଁ ଏକ ଅଟୋ (ଓଡ଼ି ୨୨ ଆର ୧୭୪୪) ଯୋଗେ ଖଲ୍ଲିକୋଟ ମେଡ଼ିକାଲକୁ ଆସୁଥିଲେ। ସାଙ୍ଗରେ ନାତି ଆୟୁଷ ଓ ଆଶାକର୍ମୀ ମମତା ଶତପଥୀ ମଧ ସେହି ଅଟୋରେ ଥିଲେ। ସେହି ସମୟରେ ବୁଗୁଡାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର (ନଓଡ଼ି ୦୨ସିଇ୮୯୯୭) ଖଲ୍ଲିକୋଟ ଥାନା ସମ୍ମୁଖରେ ବ୍ୟାରିକେଡକୁ ଅତିକ୍ରମ କଲା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ନିକଟରେ ଖଲ୍ଲିକୋଟ ମିଡ଼ିଆ କ୍ଲବର ବୈଠକ ଚାଲିଥିବା ବେଳେ ଶବ୍ଦ ଶୁଣି ସମସ୍ତ ଖବରଦାତା ଦୌଡ଼ି ଆସିଥିଲେ। ଆହତମାନଙ୍କୁ ଆମ୍ବୁଲାନ୍ସ ଓ ଅନ୍ୟ ଏକ ଅଟୋରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। କୁମୁଦିନି ଶତପଥୀ, ତାଙ୍କ ନାତି ଆୟୁଷ ଶତପଥୀ, ଆଶାକର୍ମୀ ମମତା ଶତପଥୀ ଓ ଅଟୋ ଡ୍ରାଇଭର ଅଶୋକ ମହାପାତ୍ରଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। କାର ଡ୍ରାଇଭର ନାରାୟଣ ଗୌଡ଼ ଓ କାରରେ ବସିଥିବା କେ. ସୁଦର୍ଶନ ରେଡ୍ଡି ଖଲ୍ଲିକୋଟ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା କୁମୁଦିନି ଶତପଥୀଙ୍କ ସ୍ୱାମୀଙ୍କ ଗତ ଚାରି ଦିନ ତଳେ ମୃତ୍ୟୁ ହୋଇଥିଲା।

### ୨୫ କିଲୋ ଗଞ୍ଜେଇ ସହ ସ୍କୁଟି ଜବତ

ପାରଳାଖେମୁଣ୍ଡି, ୮।୯(ଗିରିଧାରୀ ପରିଛା): ଗଜପତି ଜିଲା ଅବକାରୀ ବିଭାଗ ପଲାସା ଅଭିମୁଖେ ଏକ ସ୍କୁଟିରେ ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ ଭୀମପୁର ଗେଟଠାରେ ଚଢ଼ାଉ କରି ଧରିଛି। ଅବକାରୀ ଉପନିରୀକ୍ଷକ ମଙ୍ଗଳ ଛତ୍ରିଆ, ଅବକାରୀ କନଷ୍ଟେବଳ ଦୀପକ କୁମାର ମହାପାତ୍ର, ଉଷାରାଣୀ ଦେବୀ ପ୍ରମୁଖ ଏହି ଚଢ଼ାଉ କରିଥିଲେ। ବୁଲୁବୁଲୁ ନାମକ ଜଣେ ଯୁବକଙ୍କୁ ଧରିଥିଲେ। ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି।

### ଆଇଆଇସିଙ୍କୁ ବିଦାୟ ସମ୍ବର୍ଦ୍ଧନା

କବିସୂର୍ଯ୍ୟନଗର,୮।୯(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ଥାନାର ଆଇଆଇସି ପ୍ରଭାତ କୁମାର ସାହୁଙ୍କୁ ଖବରଦାତା ସଂଘ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କବିସୂର୍ଯ୍ୟନଗର ମାଟି ଆଇଆଇସିଙ୍କୁ ଝୁରିବ ବୋଲି ବରିଷ୍ଠ ଖବରଦାତା କୃପାସିନ୍ଧୁ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଆଇଆଇସି ତାଙ୍କ ବକ୍ତବ୍ୟରେ କହିଥିଲେ, ଆପଣମାନେ ସର୍ବଦା ସହଯୋଗ କରିଥିବାରୁ ମୁ କୃତଜ୍ଞ। ଆପଣଙ୍କ ଭଲ ପାଇବା ମୋତେ ଆଗକୁ ବଢ଼ିବାରେ ପ୍ରେରଣା ଦେବ । ଆଇଆଇସି ଦୀର୍ଘ ତିନି ବର୍ଷ ନିଷ୍ଠାର ସହ କାମ କରିଥିବା ହେତୁ ସମସ୍ତ ଖବରଦାତା କୃତଜ୍ଞତା ଜଣାଇଥିଲେ। ଖବରଦାତା ନାରାୟଣୀପ୍ରସାଦ ମିଶ୍ର, ସରୋଜ ମିଶ୍ର, ଅଜିତ ଦାସ, ଗଣେଶ ଡାକୁଆ, ପ୍ରତାପ ମହାନ୍ତି ଓ କୃଷ୍ଣ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ଯ୍ୟରେ ଯୋଗଦେଲେ ପିଇଓ

ଧରାକୋଟ,୮।୯(ବିଷ୍ଣୁକେଶରୀ ଆଚାରୀ): ରାଜ୍ୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ପରେ କାର୍ଯ୍ୟରେ ଯୋଗଦେଇଛନ୍ତି। ନିର୍ବାହୀ ଅଧିକାରୀ ଦେବରାଜ ନାୟକ, କିଶୋର ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ପୃଷ୍ଟି, ଅମୂଲ୍ୟ ରାଉଳ, ଅଶୋକ ସେଠୀ, କାଳୁ ଚରଣ ସ୍ୱାଇଁ, ଇସାକ ପ୍ରଧାନ, ରୋଜାଲିନ ପ୍ରଧାନ, ଅର୍ଚ୍ଚନା ମଲିକ, ଯଶୋବନ୍ତୀ ମିଶ୍ର ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଡେନିସ ବେହେରାଙ୍କୁ କାର୍ଯ୍ୟରେ ଯୋଗଦାନ କରିବାର ଲିଖିତ ପତ୍ର ଦାଖଲ କରିଛନ୍ତି।

# ଲକ୍ଷ୍ମୀପୁର ନନ୍ଦୋତ୍ସବରେ ବିଧାୟକ ସାମିଲ


ଉତ୍ସବରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଗଞ୍ଜାମ,୮।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମ ଆରମ୍ଭରୁ ଶେଷ ଯାଏ ୪ଟି ଭାରତଲୀଳା ନାଟକ ପରିବେଷଣ ହେଉଛି। ଏଥିପାଇଁ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଲକ୍ଷ୍ମୀପୁର ଗ୍ରାମ ଯାତ୍ରା ପରିଚାଳନା କମିଟିର ଅନୁରୋଧକ୍ରମେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଗୁରୁବାର ଯାତ୍ରା ବୁଲି ଦେଖିଥିଲେ। ଜିଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ବିଜେଡି ଛାତ୍ର ଜିଲା ଉପସଭାପତି ଲିଙ୍ଗରାଜ ମହାପାତ୍ର, ପାଳିବନ୍ଧ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଧାନ, ସରପଞ୍ଚ ପ୍ରତିନିଧି ବିଦୁ ପ୍ରଧାନ, ପୂର୍ବତନ ସମିତିସଭ୍ୟ ଛାୟାକାନ୍ତ ପ୍ରଧାନ, ସୁମୁନାଥ ରେଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରା ଦେଖିବା ଲାଗି ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡେଙ୍ଗୁରେ ଯବାନଙ୍କ ମୃତ୍ୟୁ

ଗୋପାଳପୁର,୮।୯(ନବୀନ ରାଜ ଆଚାରୀ):


ଯବାନଙ୍କୁ ତୋପ ସଲାମି ଦିଆଯାଉଛି ।

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ କଇଠାପଲ୍ଲୀ ଗ୍ରାମର ଯବାନ ନବକୃଷ୍ଣ ନାୟକ (୨୬) ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ବୁଧବାର ନବକୃଷ୍ଣଙ୍କୁ ଜ୍ୱର ହୋଇଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡ଼େଙ୍ଗୁ ହୋଇଥିବା ଡ଼ାକ୍ତର ଚିହ୍ନଟ କରିଥିଲେ। ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ତାଙ୍କ ମୃତ୍ୟୁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶୁକ୍ରବାର ନବକୃଷ୍ଣ ଅମର ରହେ ନାରାରେ ଗାଁ ଦାଣ୍ଡ ଫାଟିପଡ଼ିଥିଲା। ଗୋପାଳପୁର ମିଲିଟାରୀ ଷ୍ଟେସନରୁ ସୁବେଦାର ଉଦ୍ଧାମ ସିଂଙ୍କ ନେତୃତ୍ୱରେ ଯବାନଙ୍କ ଟିମ ଗ୍ରାମରେ ପହଞ୍ଚି ନବକୃଷ୍ଣଙ୍କୁ ତୋପ ସଲାମି ଦେଇଥିଲେ। ଗତ ୬ ବର୍ଷ ହେଲା ନବକୃଷ୍ଣ ସେନାବାହିନୀରେ ଯୋଗଦେଇଥିଲେ। ଅଗଷ୍ଟ ସେ ଗ୍ରାମକୁ ଆସିଥିଲେ। ଗଞ୍ଜାମ ଜିଲାରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇବା ପ୍ରଥମ ବୋଲି କୁହାଯାଉଛି।

# ପୋଲିସ୍ ଉପରେ ଆକ୍ରମଣ, ଜଣେ ଗିରଫ

## ୧୮୦ ଲିଟର୍ ଦେଶୀମଦ ଜବତ

ବେଲଗୁଣ୍ଠା,୮।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ଗାଙ୍ଗପୁର ପୋଲିସ୍ ଗୁରୁବାର ରାତିରେ ଚୋରାମଦ ବିକ୍ରି ହେଉଥିବା ଖବର ପାଇ ଏଏସ୍ଆଇ ଯୁଧିଷ୍ଠିର ମାଝୀଙ୍କ ନେତୃତ୍ୱରେ ପୋଲିସ ଟିମ ନିମିନା ଛକରେ ହୋଟେଲ୍ କରିଥିବା ରବିନାରାୟଣ ସାହୁଙ୍କ ଘର ଉପରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଘରୁ ୧୮୦ ଲିଟର୍ ଚୋରା ଦେଶୀମଦ ଜବତ କରିବା ସହ ରବିନାରାୟଣଙ୍କୁ ଗିରଫ କରିଥିଲା। ଏହି ସମୟରେ ରବିନାରାୟଣଙ୍କ ମା' ପ୍ରମିଳା ସାହୁ, ଦୁଇ ପୁଅଝିଅ ମିଳିତ ଭାବେ ପୋଲିସ୍ ଉପରେ ଆକ୍ରମଣ କରିଥିଲେ। ଏଏସ୍ଆଇ ଯୁଧିଷ୍ଠିର ମାଝୀ ଆହତ ହୋଇଥିଲେ। ଏନେଇ ଗାଙ୍ଗପୁର ଥାନାରେ ୬୬୧ / ୨୩ ରେ ଏକ ମାମଲା ରୁଜୁ କରି ରବିନାରାୟଣଙ୍କୁ ଗିରଫ କରିଛି। ପୂର୍ବରୁ ରବି ନାମରେ ୭ଟି ମାମଲା ରହିଥିବା ବେଳେ ବର୍ତ୍ତମାନ ଆଠ ନମ୍ବର ମାମଲା ରୁଜୁ ହୋଇଛି। ସେହିପରି ରବି ହୋଟେଲ୍ ଦେଇଥିବା ସ୍ଥାନ ହେଉଛି ଏକ ସରକାରୀ ଜମି ଓ ଏନେଇ ସ୍ଥାନଟିକୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଭଞ୍ଜନଗର ଉପଜିଲାପାଳଙ୍କୁ ଅବଗତ କରାଯିବା ସହିତ ସିଆରପିସି ୧୧୦ ରେ ରବି ନାମରେ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଏସ୍ଆଇ ଶୁଭ୍ରଜିତ ସାମନ୍ତରାୟ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ସମୟରେ ରବି ମାଆ ପ୍ରମିଳା ଏବଂ ପୁଅ ଝିଅଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ବିଡିଓ ଭାବେ ଯୋଗଦେଲେ ଶିକ୍ଷାନବିସ


ବିଡିଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସୋରଡା,୮।୯(ଲମ୍ବୋଦର ପାଣିଗ୍ରାହୀ):

ସୋରଡ଼ା ବ୍ଲକର ବିଡିଓ ଭାବେ ଭାରତୀୟ ପ୍ରଶାସନିକ ସେବା ୨୦୨୨ ବ୍ୟାଚ୍‌ର ଶିକ୍ଷାନିବେସ ସମୀର କୁମାର ଜେନା ଯୋଗଦେଇଛନ୍ତି । ସେ ଏଠାରେ ୪ ସପ୍ତାହ କାର୍ଯ୍ୟ କରିବେ। ସେ ବ୍ଲକରେ ପହଞ୍ଚିବା ପରେ ବିଡିଓ ସୀମାଞ୍ଚଳ ମଣ୍ଡଳ, ଏବିଡିଓ ସଞ୍ଜୀବ ରାଜ ସେନାପତି, ସହକାରୀ ଯନ୍ତ୍ରୀ ଅମୀୟ ରଞ୍ଜନ ସାହୁ, ସିଡିପିଓ ସରୋଜିନୀ ବେହେରା, ମୁଖ୍ୟ କିରାଣୀ ତାରିଣୀ ସାହୁ ପ୍ରମୁଖ ସ୍ୱାଗତ କରିଥିଲେ।

# ପାନୀୟ ଜଳରୁ ବଞ୍ଚିତ ଗୋଛାବାଡ଼ି ଗ୍ରାମବାସୀ

ଜଗନ୍ନାଥପ୍ରସାଦ,୮।୯(ବିଭୁ ପ୍ରସାଦ ପଟ୍ଟନାୟକ):


ମହିଳାମାନେ ରାଜପଥରେ ବାଲ୍‌ଟି, ଗରା ରଖି ରାସ୍ତାରୋକୋ କରିଛନ୍ତି ।

ଝାଡ଼ଭୂମି ଗ୍ରାମ ପଞ୍ଚାୟତର ଗୋଛାବାଡି ଗ୍ରାମରେ ଦୀର୍ଘ ଦିନ ଧରି ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏ ନେଇ ଗ୍ରାମବାସୀ ଶୁକ୍ରବାର ସକାଳେ ୨୧ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିବା ସହ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଗ୍ରାମବାସୀ ଜଳଯୋଗାଣ ପାଇଁ ସ୍ଥାନୀୟ ପ୍ରଶାସନ, ଉପଜିଲାପାଳ ଭଞ୍ଜନଗର ଠାରୁ ଆରମ୍ଭ କରି ଗଞ୍ଜାମ ଜିଲାପାଳଙ୍କୁ ବହୁବାର ଗୁହାରିକରି କରି ଥକିଗଲେଣି, କିନ୍ତୁ ଏହାର ସମାଧାନ ହୋଇପାରୁନାହିଁ। ଶେଷରେ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ମଧ ଗ୍ରାମର ପାନୀୟ ଜଳ ସମସ୍ୟା କଥା ଲିଖିତ ଦେଇଥିଲେ, କିନ୍ତୁ ଫଳ ଶୂନ। ଏଣୁ ଗ୍ରାମର ଶତାଧିକ ମହିଳା ଗୋଛାବାଡି ଛକ ଠାରେ ରାସ୍ତାରୋକ କରିଥିଲେ। କାଠ ଗଣ୍ଡି, ପିଚୁ

## ରାଜରାସ୍ତାକୁ ଓହ୍ଲାଇଲେ ମହିଳା

ଡ୍ରମ ଓ ଦଉଡି ବାନ୍ଧି ମହିଳା ଓ ପୁରୁଷ ରାସ୍ତା ଉପରେ ବସିରହିବା ଯୋଗୁଁ ଭଞ୍ଜନଗର ଭୁବନେଶ୍ୱର ରାସ୍ତାରେ ଗାଡିଚଳାଚଳ ସମ୍ପୂର୍ଣ୍ଣ ଭାବେ ଠପ ହୋଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଡ଼ିଓ ଅନୁପ ପଣ୍ଡା, ପୋଲିସ ଏସଡିପିଓ ବିଶ୍ୱାମିତ୍ର ହରିପଲ, ଏସଆଇ ପ୍ରଭାତ କୁମାର ସୁବୁଦ୍ଧି, ଅତିରିକ୍ତ ତହସିଲଦାର ବାରିଆଲ ମୁର୍ମୁ ପହଞ୍ଚି ଉପଜିଲାପାଳ ସହ ଫୋନରେ ଯୋଗାଯୋଗ ପରେ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବା ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତାରୁ ଓହରିଥିଲେ। ୧୫ତାରିଖ ସୁଦ୍ଧା ଏହା କାର୍ଯ୍ୟକାରୀ ନହେଲେ ଲୋକେ ପୁଣି ରାସ୍ତାରୋକ କରିବେ ବୋଲି ପ୍ରଶାସନଙ୍କୁ ଜଣାଇଛନ୍ତି।

